## ୟେହୁଦା ଏମିଚାଇ

*(୩ ମେ ୧୯୨୪ – ୨୨ ସେପ୍ଟେମ୍ବର ୨୦୦୦, ଇସ୍ରାଏଲ୍)*

### ତୁମର ଜୀବନ ଓ ମୃତ୍ୟୁ, ବାପା

*ତୁମର ଜୀବନ ଓ ମୃତ୍ୟୁ, ବାପା,*
*ଲଦା ହୋଇଛି କାନ୍ଧରେ ମୋର ।*
*ମୋର ପତ୍ନି ଆସିବେ ଏବେ ପାଣିନେଇ,*
*ଆମପାଇଁ ।*

*ଆସ ପିଇବା, ବାପା,*
*ଫୁଲମାନଙ୍କ ପାଇଁ, ବିଚାରବୋଧ ପାଇଁ*
*ମୁଁ ଦିନେ ତୁମର ଭରସା ଥିଲି,*
*ଏବେ ମୋର ମୋ ଉପରେ ଭରସା ନାହିଁ ।*

*ତୁମର ଖୋଲା ପାଟି, ବାପା,*
*ଗୀତ ଗାଇଲା ଅଥଚ ଶୁଣିପାରିଲିନି ମୁଁ ।*
*ଅଗଣାରେ ଥିବା ଗଛଟି ଥିଲା ଦେବଦୂତ*
*ଅଥଚ ଜାଣିପାରିଲିନି ମୁଁ ।*

*କେବଳ ତୁମର ଜୀବନ, ବାପା,*
*ଏବେବି ବହୁଛି ମୋର ରକ୍ତ ହୋଇ*
*ତୁମେ ଦିନେ ଥିଲ ରକ୍ଷକ ମୋର*
*ଆଜି ମୁଁ ଜଗିଛି ତୁମର ମଶାଣି ଭୂଇଁ ।*

### ଜେରୁଜେଲମ୍

*ପୁରୁଣା ସହରର ଛାତ ଉପରେ*
*ଶୁଖୁଛି ଲୁଗା,*

ବିଳମ୍ବିତ ଅପରାହ୍ନର ଖରାରେ ।
ଧଳା ଚାଦର ଜଣେ ନାରୀର ଯେ ମୋର ଶତ୍ରୁ,
ତଉଲିଆ ଜଣେ ପୁରୁଷର ଯେ ମୋର ଶତ୍ରୁ,
ପୋଛିବାପାଇଁ ଝାଳ ତାର କପାଳରୁ ।

ପୁରୁଣା ସହରର ଆକାଶରେ ଗୋଟେ ଗୁଡି ।
ସୂତାର ଅନ୍ୟ ଭାଗରେ ପିଲାଟିଏ, ଯାହାକୁ
ଦେଖି ପାରୁନି ମୁଁ, ଉଚ୍ଚା କାନ୍ଥ ପାଇଁ ।

ଆମେ ଅନେକ ପତାକା ପୋତିଛୁ,
ସେ ମଧ୍ୟ ପୋତିଛନ୍ତି ଅନେକ ।
ଆମକୁ ଦେଖାଇବା ପାଇଁ କି ସେମାନେ ସୁଖୀ ।
ସେମାନଙ୍କୁ ଦେଖାଇବା ପାଇଁ କି ଆମେ ମଧ୍ୟ ସୁଖୀ ।